# ତହସିଲ କାର୍ଯ୍ୟାଳୟ, ଝରିଗାଁ,ଜିଲ୍ଲା: ନବରଙ୍ଗପୁର

(ଲଘୁଖଣିଜ ଉତ୍ସ ଦୀର୍ଘମିଆଦି ଲିଜ୍ ନିମନ୍ତେ ଇସ୍ତାହାର)

ବିଜ୍ଞାପନ ସଂଖ୍ୟା ୯୯୩ /୨୦୨୦(ତଉଜି) ତାରିଖ: ୨୨.୦୬.୨୦୨୦

ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ୨୦୧୭( ସଂଶୋଧନଆଇନ) ଅନୁଯାଇ ଟେଣ୍ଡର ଆହ୍ୱାନ ।

## ଇସ୍ତହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ତ ଝରିଗାଁ ତହସିଲ କାର୍ଯ୍ୟାଳୟ ଜିଲ୍ଲା: ନବରଙ୍ଗପୁର ଅନ୍ତର୍ଗତ ଲଘୁଖଣିଜ ଦ୍ରବ୍ୟ ଗୁଡିକ ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ/ ସଂସ୍ଥା ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬(OMMC Rule-2016) ମୁତାବକ M-Form ପୂରଣକରି ଏହାର ୩(ତିନି) କପି ନକଲ ନିମ୍ନ ବର୍ଣିତ କାଗଜାତ ସହ ସଂଲଗ୍ନ କରି ଜଉମୁଦ ବନ୍ଦ ଲଫାପା ଉପରରେ ସୈରାତ ଉତ୍ସ ର ନାମ ଉଲ୍ଲେଖ କରି ତହସିଲଦାରଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/Regd.Post ମାଧମରେ ପ୍ରେରଣ କରିବେ, ଯାହାକି ତାରିଖ ୧୩.୦୭.୨୦୨୦ ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ। ତା: ୧୪.୦୭.୨୦୨୦ ରିଖ ଅପରାହ୍ନ ୩.୦୦ ଘଣ୍ଟିକା ସମୟରେ ଲିଜ ଦରଖାସ୍ତକରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ ଅତିରିକ୍ତ ଦେୟ( Addl. Charge)ଉଲ୍ଲେଖ କରିଥିବା ଭିତ୍ତିରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଗଠିତ ଏକ କମିଟି ଦ୍ୱାରା ଯୋଗ୍ୟଲିଜ ଧାରୀ ଚୟନ କରାଯିବ । ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସଂପୂର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ଉତ୍ସ ଗୁଡିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ ଚୁଡାନ୍ତ ହୋଇନଥିବ ସେହି ଉତ୍ସ ଗୁଡିକ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା:୨୨.୭.୨୦୨୦ରିଖ ସୁଦ୍ଧା ପ୍ରାପ୍ତ ହେବା ଦରଖାସ୍ତ, ତା: ୨୩.୦୭.୨୦୨୦ ରିଖ ଅପରାହ୍ନ ୩.୦୦ ଘଣ୍ଟିକା ସମୟରେ ଲିଜ ଦରଖାସ୍ତକରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ ଓ ତା:୩୦.୭.୨୦୨୦ରିଖ ସୁଦ୍ଧା ପ୍ରାପ୍ତ ହେବା ଦରଖାସ୍ତ ତା:୦୪.୦୮.୨୦୨୦ରିଖ ଅପରାହ୍ନ ୩.୦୦ ସମୟରେ ଲିଜ ଦରଖାସ୍ତକରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ ।ଏହା ପରବର୍ତ୍ତୀ ତାରିଖ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ, କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ତଥା ଦରଖାସ୍ତ ଫର୍ମ ନବରଙ୍ଗପୁର ଜିଲ୍ଲା ୱେବସାଇର୍ଟ https:// Nabarangpur.nic.in ରେ ଉପଲବ୍ଧ ଅଟେ ।

ତହସିଲଦାର, ଝରିଗାଁ
Tahasildar, Jharigaon
Dist- Nabarangpur

ଜ୍ଞାପକ ସଂଖ୍ୟା ୯୯୪ /୨୦୨୦ ତାରିଖ: ୨୨.୦୬.୨୦୨୦

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଝରିଗାଁ ନୋଟିସ ବୋର୍ଡରେ ପ୍ରକାଶନ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଝରିଗାଁ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଙ୍କ ପାଖକୁ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଝରିଗାଁ ତହସିଲ ଅନ୍ତେର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ/ବ୍ଲକ କାର୍ଯ୍ୟାଳୟ, ଝରିଗାଁ ଙ୍କ ପାଖକୁ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଝରିଗାଁ
Tahasildar, Jharigaon
Dist- Nabarangpur

ଜ୍ଞାପକ ସଂଖ୍ୟା ୯୯୫ /୨୦୨୦ ତାରିଖ: ୨୨.୦୬.୨୦୨୦

ଏହାର ଏକକିତା ନକଲ ବିଜ୍ଞାପନ ନିମନ୍ତେ ସମ୍ବାଦ ଓ ଧରିତ୍ରି ସଞ୍ଚାଳକ ଙ୍କୁ ଖବର କାଗଜରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଝରିଗାଁ
Tahasildar, Jharigaon
Dist- Nabarangpur

ଜ୍ଞାପକ ସଂଖ୍ୟା ୯୯୬ /୨୦୨୦ ତାରିଖ: ୨୨.୦୬.୨୦୨୦

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ,ନବରଙ୍ଗପୁର/ଉପ-ଜିଲ୍ଲାପାଳ,ନବରଙ୍ଗପୁରଙ୍କ ଅବଗତି ନିମନ୍ତ ପ୍ରେରଣ କରାଗଲା ।

ତହସିଲଦାର, ଝରିଗାଁ
Tahasildar, Jharigaon
Dist- Nabarangpur

Scanned with CamSca

ଦରଖାସ୍ତ ସହ ଦାଖଲ କରିବାକୁ ଥିବା କାଗଜାତ/ଦସ୍ତାବିଜ:-

୧) ଦରଖାସ୍ତ ପାଉଣା ବାବଦକୁ ୧୦୦୦/-( ଏକ ହଜାର ଟଙ୍କା ମାତ୍ର) ଟ୍ରେଜେରୀ ଚାଲାଣ। (ଫେରସ୍ତ ନୁହେ) Head of Account:- 0853-Non-Ferous Mining and Metallurgical Industries-102-mineral Concession Fees re ଦାଖଲ କରିବେ।

୨) କୌଣସି ମାଇନିଂ/ଲଘୁ ଖଣିଜ ଦ୍ରବ୍ୟ ଦେୟ ବାବଦକୁ ନ ଥିବା ନେଇ ଏକ ସତ୍ୟପାଠ( Affidavit) ଦାଖଲ କରିବେ।

୩) ଦରଖାସ୍ତ ସହିତ ଇସ୍ତହାରରେ ଅନୁସୂଚିରେ ଦର୍ଶଯାଇଛି ଅର୍ଜିତ ରାଶି Earnest Money (E.M.D)ଚୁକ୍ତିରକ୍ଷା ପାଇଁ Demand Draft ଆକାରରେ ଦାଖଲ କରିବେ। ଯଦି ସଫଳ ନିଲାମ ହିସାବରେ ଲିଜ ପ୍ରସ୍ତାବ ଅଗ୍ରାହ୍ୟ କରନ୍ତି, ତେବେ ଉକ୍ତ ଅର୍ଜିତ ରାଶି(EMD) ଫେରସ୍ତ ନ ହୋଇ ବ୍ୟାଜ୍ୟାପ୍ତ କରଣ କରି ଦ୍ବିତୀୟ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ଲିଜ ପ୍ରକ୍ରିୟା ପାଇଁ ଆମନ୍ତ୍ରଣ କରାଯିବ ଏବଂ ଅସଫଳ ନିଲାମ ଡକାଳୀଙ୍କ ଅର୍ଜିତ ରାଶି(EMD) ଫେରସ୍ତ କରାଯିବ।( ଯାହାରମୂଲ୍ୟ ସଂପୃକ୍ତ ସାଇରାତ ଉସ ସହିତ ନିର୍ଦ୍ଧାରିତ ସାରଣୀରେ ପ୍ରଦତ୍ତ ହୋଇଅଛି। EMD will be deposited in shape of Bank Draft in favour of Tahasildar, Jharigam at State Bank.

୪) ଆବେଦନକାରୀ ଇସ୍ତହାରରେ ସଂଲଗ୍ନିତ ଅନୁସୂଚିରେ ଦର୍ଶଯାଇଥିବା ରାଶିର ବ୍ୟାଙ୍କ ଗେରେଣ୍ଟି (18 month validity).(Solvency certificate ପରିବର୍ତ୍ତେ) ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ( ରାଜସ୍ୱ ବିଭାଗଦ୍ୱାର ପ୍ରାପ୍ତ) ସଂଲଗ୍ନ କରିବା ଆବଶ୍ୟକ।

୫) ଅନ୍ୟ ବିବରଣୀ ଗୁଡିକ ଯଥା:- ବୈଷୟିକ ଜ୍ଞାନ,ଦକ୍ଷତା,ଆର୍ଥିକ ସ୍ଥିତି,ଯନ୍ତ୍ରପାତି ଇତ୍ୟାଦି।

୬)ସର୍ତ୍ତାବଳୀର ଏକକିତା ନକଲ ତାହାର ଅନୁପାଳନ ସର୍ତ୍ତ ସ୍ୱୀକାରୋକ୍ତି ସ୍ୱରୂପ ସ୍ୱାକ୍ଷରକରି ଆବେଦନ ଫର୍ମ(M-form) ସହିତ ଦାଖଲ କରିବେ।

୭)ବିଗତ ଦୁଇ ବର୍ଷର ଆୟକର ରିଟର୍ଣ୍ଣ ।

## ସୈରାତ ଖାଦାନ ଗୁଡିକର ସାରଣୀ

| କ୍ର: ନଂ | ଖାଦାନ/ ଉସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିଷମ | ଲିଜ ରକବା (ଏକର) Ac. | ସର୍ବନିମ୍ନ ନିର୍ଦ୍ଧାରିତ ପରିମାଣ (MGQ) | ରୟାଲିଟିର ନିର୍ଦ୍ଧାରିତ ପରିମାଣ ପ୍ରତି ଘନ ମିଟର | ଅତିରିକ୍ତ ଦେୟ ପ୍ରତି ଘନ ମିଟର | ବ୍ୟାଙ୍କ ଗେରେଣ୍ଟି | ଅର୍ଜିତ ରାଶି(EMD) |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | କେନ୍ଦୁଗୁଡା-୧ | କେନ୍ଦୁଗୁଡା | ୨୭ | ୧୩୬ | ପଥର ବଣି | ୧.୧୧ | ୧୩୦୦ଘନ ମିଟର | ୧୩୦/- | ୧୦/- | ୧୮୨୦୦୦/- | ୯୧୦୦/- |
| ୨ | କେନ୍ଦୁଗୁଡା-୨ | କେନ୍ଦୁଗୁଡା | ୨୭ | ୧୫୩ | ପଥର ବଣି | ୦.୯୬ | ୧୨୮୦ଘନ ମିଟର | ୧୩୦/- | ୧୦/- | ୧୭୯୨୦୦/- | ୮୯୬୦/- |
| ୩ | କୁଟ୍ରିଛପର | କୁଟ୍ରିଛପର | ୨୦୦ | ୯୫୫ | ପଥର ବଣି | ୧.୬୧ | ୨୯୭୫ଘନ ମିଟର | ୧୩୦/- | ୧୦/- | ୪୧୬୫୦୦/- | ୨୦୮୨୫/- |
| ୪ | ତେନ୍ତୁଳିଗାଁ ବାଲି ଶଯ୍ୟା | ତେନ୍ତୁଳିଗାଁ | ୬୩ | ୧ | ନଦୀ | ୫.୨୬ | ୨୨୪୬ଘନ ମିଟର | ୩୫/- | ୫/- | ୮୯୮୪୦/- | ୪୪୯୨/- |
| ୫ | କେନ୍ଦୁଗୁଡା ମୋରୁମ | କେନ୍ଦୁଗୁଡା | ୨୭ | ୧୫୧ | ପଥର ବଣି | ୧.୩୩ | ୫୩୮ଘନ ମିଟର | ୩୫/- | ୫/- | ୨୧୫୨୦/- | ୧୦୭୬/- |

Tahasildar Jharigam
Dist- Nabarangpur

Scanned with CamSca

# ସର୍ତ୍ତାବଳୀ

୧. ଆବେଦନ କାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଆଇନ ୨୦୧୬ (OMMC Rules-2016) ର ପରିସର ଭୁକ୍ତ ରହିବେ ।

୨. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଅନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୩.ଲିଜରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବ ନାହିଁ ।

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବ ନାହିଁ

୫. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ, ଉକ୍ତ ରାଶି Environment Clearance ଆଣି ସାରିଲା ପରେ ପଇଠ କରିବେ । ସଂପୂର୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାଇ ଚୁକ୍ତି ପତ୍ର ( Execution of Lease deed) ସଂପାଦନ କରିବେ ।

୬. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲା ପରେ ସ୍ଥିର କରାଯିବ ।

୭. ଲିଜଧାରୀ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରିଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ ହେବାର ୭ ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ / ନଗଦ ଟଙ୍କା ଆକାରରେ ଜମା କରିପାରିବେ ।

୮. ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ପରିବେଶ ମଞ୍ଜୁରୀ ପତ୍ର ଦାଖଲ ନ କଲେ ଅମାନତ ରାଶି ବାଜ୍ୟାପ୍ତ କରାଯିବ ।

୯. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୦. ପୁନଶ୍ଚ ନିୟାମାବଳୀ ଅନୁଯାଇ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶି ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଆଧିକାରୀଙ୍କର ରହିବ ।

୧୧. ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ( Display Board) ଡିସପ୍ଲେ ବୋର୍ଡ ତିଆରି କରି ସେଥିରେ ସୈରାତ ଉପର ନାମ ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ। ଏ ସବୁର କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୨. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ । କାର୍ଯ୍ୟାଦେଶ ନପାଇଲା ପର୍ଯ୍ୟନ୍ତ ସୈରାତ ଉପରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ କୁ ବେଆଇନ ଧରାଯିବ ।

୧୩. କୋଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀ ( ତହସିଲଦାର, ଝରିଗାଁ ) ଙ୍କ ପରିସର ଭୁକ୍ତ ଅଟେ ।

୧୪. ଯେକୌଣସି ମୁହୂର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ , ଲିଜଧାରୀ ପରିବର୍ତ୍ତନ ନିୟମ ମାନିବାକୁ ବାଧ୍ୟ ହେବେ ।

୧୫. ଲିଜର ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିବା ତଥା ସର୍ବାଧିକ ଅତିରିକ୍ତ ଦେୟ ( Additional Charge ) ଘନ ମିଟର ପ୍ରତି ଦାଖଲ କରି ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

Scanned with CamScanner

୧୬. ସର୍ବୋଚ୍ଚ ଅତିରିକ୍ତ ଦେୟ ( Additional Charge ) ଘନ ମିଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ୍ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୭. ଯଦି ଦୁଇଜଣ ଆବେଦନକାରୀ ଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟରେ ଲିଜ ପଟ୍ଟାଦାର (leasee)ଚୟନ କରାଯିବ ।

୧୮. ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ପଥର ଖାଦାନ ପାଇଁ ଘନମିଟର ପିଛା ନିର୍ଦ୍ଧାରିତ ରୟାଲଟି ସହ ଅତିରିକ୍ତ ଦେୟ (Additional Charge), ଡେଡ ରେଣ୍ଟ ( Dead Rent) ( ଏକର/ହେକ୍ଟର ଅନୁଯାୟୀ ଧାର୍ଯ୍ୟ ) ଭୂମିପୃଷ୍ଠ ଖଜଣା ( Surface Rent) ( ହେକ୍ଟର ଅନୁଯାୟୀ ଧାର୍ଯ୍ୟ ), ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଦେୟ @ 10% ( ରୟାଲଟି ଓ ଅତିରିକ୍ତ ଦେୟ ର ) , ପରିବେଶ ଉନ୍ନୟନ ପାଣ୍ଠି ଦେୟ @5% ( ରୟାଲଟି ଓ ଅତିରିକ୍ତ ଦେୟ ର ), ଆୟକର @2% ( ରୟାଲଟି ଓ ଅତିରିକ୍ତ ଦେୟ ର ) ପ୍ରତ୍ୟେକ ଆର୍ଥିକ ବର୍ଷ ଉତ୍ସ ପରିଚାଳନା ପୂର୍ବରୁ ଏକକାଳୀନ ପଇଠ କରିବାକୁ ହେବ ।

୧୯. ଦରଖାସ୍ତରେ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ ( Additional Charge) ସ୍ପଷ୍ଟ ଭାବରେ ଉଲ୍ଲେଖ ଥିବା ଆବଶ୍ୟକ ।

୨୦. ସଫଳ ଆଦେଶିକ ସମୟସୀମା ମଧ୍ୟରେ ଅନୁମୋଦିତ ମାଇନିଙ୍ଗ ପ୍ଲାନ ଓ ପରିବେଶ ବିକାଶ ଦାଖଲ ପରେ ଲିଜ ପଞ୍ଜୀକରଣ ( confirm) କରାଯିବ ଏବଂ ଲିଜ ଏଗ୍ରୀମେଣ୍ଟ ଆସିବା ସହ ରୟାଲଟି କିମ୍ବା ଡେଡ ରେଣ୍ଟ ( Dead Rent) ଯେଉଁଟା ଅଧିକ, ଭୂମିପୃଷ୍ଠ ଖଜଣା ( Surface Rent) ଅତିରିକ୍ତ ଦେୟ (Additional Charge) ଜିଲ୍ଲା ଲଘୁ ଖଣିଜ ପାଣ୍ଠି (DMF) ପରିବେଶ ପରିଚାଳନା ପାଣ୍ଠି ( EMD ) ସହିତ ଆୟକର ( Income Tax) ପଇଠ କରିବାକୁ ପଡିବ ।

ଦ୍ରଷ୍ଟବ୍ୟ: ଦୀର୍ଘମିଆଦି ସୂତ୍ରେ (5 ବର୍ଷ ) ଦେବାକୁ ଥିବା ଖଣିଜ ଉତ୍ସ ର ଏକତାଲିକା ଏଥିରେ ଦିଆଯାଇଛି ।

୨୧. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତି ଦିନ ଉତ୍ତୋଳନର ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୨୨. ଟେଣ୍ଡର ପାଇଁ ବିଜ୍ଞାପନ, ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀର ସମସ୍ତ ଖର୍ଚ୍ଚ ସଫଳ ନିଲାମଧାରୀ ମାନେ ବହନ କରିବେ ।

୨୩. ସରକାରୀ ରୟାଲଟି ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର ଏମ- ଫର୍ମ ଖାରଜ କରିଦିଆଯିବ ।

ତହସିଲଦାର, ଝରିଗାଁ
Tahasildar Jharigaon
Dist- Nabarangpur

Scanned with CamSca

FORM – M

Application for grant of Quarry Lease

[*See* rule 27(4)]

To

Dated: the 2020

.......................................................................................................

Sir,

1. I/We submit an application for a quarry lease for.............(mineral) for a term of .................... years over............hectares of land in the area specified in the *Annexure* given below:-

2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at............and a receipted challan bearing No.......... dated.......is enclosed.

3. The required particulars are given below:-

i) An affidavit stating that no mining due payable under the Act and Rules made there under is outstanding against the applicant.

ii) Where land belongs to private persons, consent of all such persons for grant of quarry lease.

iii)Bank Guarantee, (Ref No 465/R&DM Dated: 02.01.2020).......... .................

4. (i) Name and address of the applicant.....................................................

(ii) Nationality of the applicant...........................................................

(iii) Profession of the applicant............................................................

(iv) Particulars of the areas, mineral wise, within the State for which the applicant or any person having joint interest with him..............................................

a) Already holds a quarry lease....................................................

b) Has already applied for a quarry lease but not granted ..........................

c) Being applied for simultaneously.............................................

d) Nature of joint interest, if any.................................................

Scanned with CamSca

(v) Means by which the minor minerals is/are to be raised, i.e. whether manual or mechanical.......................

(vi) Manner in which the minor mineral raised to be utilized-

(a) For manufacture.........................

(b) For sale......................................

(c) Any other purpose......................

(vii) Details of the plan boundary description and land schedule of the area applied for to be enclosed. (viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........
Date..........

Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.

Scanned with CamSca